# ପ୍ଲେସମେଣ୍ଟ କ୍ଷେତ୍ରରେ ଆଇଆଇପିଏମ୍‌ର ସଫଳତା

ରାଉରକେଲା,ତା଼ ୧୯(ସ.ପ୍ର.)– ପ୍ରଶିକ୍ଷଣ, କନସଲଟାନ୍ସି ଓ ଶିକ୍ଷାଦାନ କ୍ଷେତ୍ରରେ କା଼ଶବାହାଲସ୍ଥ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଡକ୍ସନ ମ୍ୟାନେଜମେଣ୍ଟ (ଆଇଆଇପିଏମ୍) ସଂସ୍ଥା ବିଗତ ଦିନରେ ଶହେ ଭାଗ ସଫଳତା ହାସଲ କରିଥିବା ବେଳେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ମଧ୍ୟ ଅନୁରୂପ ସଫଳତା ହାସଲ କରିଛି । ଶିକ୍ଷାନୁଷ୍ଠାନର ଚଳିତବର୍ଷ ବ୍ୟାଚ୍‌ର ପିଜିଡିଇଏମ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ପାଇବା ସହ ବିଭିନ୍ନ ବହୁ ଦେଶୀୟ କମ୍ପାନୀରେ ନିଯୁକ୍ତ ପାଇଛନ୍ତି । ଚଳିତବର୍ଷ ନିଯୁକ୍ତି ପାଇଥିବା ଛାତ୍ରଛାତ୍ରୀମାନେ ହେଲେ ରବୀନ୍ଦ୍ର କୁମାର ସ୍ୱାଇଁ ଓ ଆନନ୍ଦ କୁମାର ବାନ୍ଦୁର ସିପ୍ଲା ଗ୍ରୁପ୍, ଶୁଭେନ୍ଦୁ ନାୟକ ଜେ.କେ.ପେପର, ସୁବ୍ରତ କୁମାର ଦାସ ଗ୍ରାସିମ ସିମେଣ୍ଟ, ପ୍ରଦୀପ ପାଟୌରୀ ଓ ଅଜିତ କୁମାର ଦାସ ଆନନ୍ଦ ଗ୍ରୁପ, କମଲ କୁମାର ଦେଶମୁଖ ଏବିବି, ଦୀପକ କୁମାର ତିରିଆ ବୋକାରୋ ଷ୍ଟିଲ ପ୍ଲାଣ୍ଟ, ଶୁଭବ୍ରତ ବୋଷ ରିଲିଆନ୍ସ ପେଟ୍ରୋ କେମିକାଲ ଓ ଗୌରବ ବାରିକ, ଦେବାଶିଷ ବୋଷ ଓ ଭିନେଶ ଦେଶମୁଖ ପ୍ରମୁଖ ଆଇଆଇପିଏମ୍‌ରେ ନିଯୁକ୍ତି ପାଇଛନ୍ତି ବୋଲି ଶିକ୍ଷାନୁଷ୍ଠାନ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ।